# ଭଡ଼ା ନ ଦେଲେ ସିଲ୍ ହେବ ଷ୍ଟଲ୍

## ଆଜିଠୁ ଆରମ୍ଭ ହେବ ଅଭିଯାନ

- ଆକ୍ସନ ମୁଡ୍‌ରେ ବିଇଏମ୍‌ସି
- ୪୪୩ ଷ୍ଟଲ ପାଖରେ ବର୍ଷକରୁ ଊର୍ଦ୍ଧ୍ୱ ବାକି ଗଡ଼ୁଛି
- ୧୪୪ ଷ୍ଟଲର ବର୍ଷକରୁ ଅଧିକ ବାକି ରହିଛି

ବ୍ରହ୍ମପୁର,୯।୪(ଅଶୋକ କୁମାର ସାହୁ)


ରାମଲିଙ୍ଗମ ପାର୍କ ରୋଡରେ ଥିବା ଷ୍ଟଲ।

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ରାଜସ୍ୱ ଆଦାୟ କ୍ଷେତ୍ର ସେଭଳି ଆଖିଦୃଶିଆ ନୁହେଁ। ଏନେଇ ଗତ ସାଧାରଣ ବୈଠକରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଥିଲା। ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ ଅଧିକ ହେଉଥିବାବେଳେ ରାଜସ୍ୱ ଆଦାୟରେ ପଛୁଆ ଥିବା ଅଭିଯୋଗ ବି ହୋଇଥିଲା। ତେଣୁ ବର୍ତ୍ତମାନ ବିଇଏମସି ଷ୍ଟଲଗୁଡିକରୁ ରାଜସ୍ୱ ଆଦାୟ କ୍ଷେତ୍ରରେ ଆକ୍ସନମୁଡ୍‌କୁ ଆସିଛି। ଶୁକ୍ରବାରଠାରୁ ଭଡା ଆଦାୟ ଅଭିଯାନକୁ ଜୋରଦାର କରାଯିବ। ଭଡ଼ା ନଦେଲେ ଷ୍ଟଲ୍‌ଗୁଡିକ ସିଲ୍ କରି ଦିଆଯିବ ବୋଲି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ସ୍ପଷ୍ଟ କରିଛନ୍ତି। ସେ ଗୁରୁବାର ଏକ ଅଡିଓ ବାର୍ତ୍ତାରେ କହିଛନ୍ତି ଯେ, ଯେଉଁ ଷ୍ଟଲଗୁଡିକ ଭଡା ଦେଇନାହାନ୍ତି ସେମାନଙ୍କ ନିକଟକୁ ବିଇଏମସିର ବିଭାଗୀୟ କର୍ମଚାରୀମାନେ ଯିବେ। ଯଦି ସେମାନେ ଭଡା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ତେବେ ସେମାନଙ୍କ ଦୋକାନ ସିଲ୍ କରାଯିବା ସହିତ ଚୁକ୍ତିପତ୍ର ବି ବାତିଲ କରାଯିବ। ଏଥିପାଇଁ ସେମାନଙ୍କୁ ୨୪ ଘଣ୍ଟା କଣ୍ଟ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସହରର ବିଜିପୁର, ଏସଏନଟି ରୋଡ, ରାମଲିଙ୍ଗମ ଟ୍ୟାଙ୍କ ରୋଡ, ଆସ୍କା ରୋଡ, ସିଟି ହାଇସ୍କୁଲ ରୋଡ, ବଡବଜାରସ୍ଥିତ ପି.ମାର୍କେଟ ଆଦି ଅଞ୍ଚଳରେ ପ୍ରାୟ ୮୭୮ଟି ଦୋକାନଗୃହ ବା ଷ୍ଟଲ ରହିଛି। ଏଥି ସହିତ ଅନ୍ୟାନ୍ୟ ସ୍ଥାନରେ ବି ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହି ଷ୍ଟଲ ମଧ୍ୟରୁ ପ୍ରାୟ ୪୪୩ ଷ୍ଟଲ ବର୍ଷାଧିକ କାଳ ଭଡା ଦେଇନାହାନ୍ତି। ସେମାନଙ୍କ ନିକଟକୁ ବାରମ୍ବାର ନୋଟିସ ଯାଉଥିଲେ ବି ତାହାର କୌଣସି ଉତ୍ତର ରଖୁନାହାନ୍ତି। ଏମାନଙ୍କ ମଧ୍ୟରେ ଥିବା ୧୪୪ ଷ୍ଟଲ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚିହ୍ନଟ କରାଯାଇଛି। ଏମାନଙ୍କଠାରୁ ପ୍ରାୟ ୮୭ ଲକ୍ଷ ଟଙ୍କା ସଂଗ୍ରହ ହେବାର ରହିଛି ବୋଲି ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର କହିଛନ୍ତି। ତାଙ୍କ କହିବା କଥା ହେଲା ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧ କୋଟି ୨୯ ଲକ୍ଷ ଟଙ୍କା ଷ୍ଟଲଗୁଡିକରୁ ରାଜସ୍ୱ ଆଦାୟ ହୋଇଥିଲା। କିନ୍ତୁ ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୧ କୋଟି ୭୮ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ଯଦିଓ ଚଳିତବର୍ଷ ୩୬ ପ୍ରତିଶତ ରାଜସ୍ୱ ଆଦାୟ ବଢ଼ିଛି, ତଥାପି ଆହୁରି ୮୮ ଲକ୍ଷ ଟଙ୍କା ବାକି ପଡିଛି। ତେଣୁ ଦୁଇରୁ ତୋତଧିକ ବର୍ଷ ବାକିକୁ ଦେଖିଲେ ୧କୋଟି ୭୬ ଲକ୍ଷ ଟଙ୍କା ସଂଗ୍ରହ ହେବାକୁ ରହିଛି। ଏଭଳି ସ୍ଥଳେ ବିଇଏମ୍‌ସି ଅନୋନ୍ୟପାୟ ହୋଇ ଆକ୍ସନମୁଡ୍‌କୁ ଆସିଛି। ଶୁକ୍ରବାର ରାଜସ୍ୱ ସଂଗ୍ରହକୁ କଡାକଡି କରାଯିବ। ଏଥିରୁ କେହି ନିସ୍ତାର ପାଇବେ ନାହିଁ। ଯେଉଁମାନେ ଅଧିକ ଭଡା ବାକି ଅଛନ୍ତି ସେମାନେ ଯଦି ତତ୍‌କ୍ଷଣାତ ଭଡା ନଦେବେ ତେବେ ସେମାନଙ୍କ ଷ୍ଟଗୁଡିକୁ ସିଲ କରାଯାଇ ଚୁକ୍ତିପତ୍ର ବାତିଲ କରାଯିବ ବୋଲି ବିଇଏମସିର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଅଚିହ୍ନା ଯୁବକଙ୍କ କ୍ଷତାକ୍ତ ମୃତଦେହ ଠାବ, ହତ୍ୟା ସନ୍ଦେହ

ଗୋପାଳପୁର,୯।୪(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଅଧୀନ କନିଷି ହାଟ ଫାୟାର ଷ୍ଟେଶନ ସାମ୍ନା ସର୍ଭିସ ରୋଡ଼ ପାର୍ଶ୍ୱରୁ ଗୁରୁବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ପୋଲିସ ଠାବ କରିଛି। ଯୁବକଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାହାକୁ ଜବତ କରିଥିଲା। ମୃତକଙ୍କ ବୟସ ୪୦ରୁ୪୫ ବର୍ଷହେବ। ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି। ଯୁବକଙ୍କୁ କିଏ ହତ୍ୟା କରି ଏଠାରେ ଫୋପାଡ଼ି ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ମୃତକଙ୍କ ଫଟୋ ବିଭିନ୍ନ ଗ୍ରୁପରେ ଛାଡି ତାଙ୍କ ପରିଚୟ ଜାଣିବା ପାଇଁ ଚେଷ୍ଟା କରୁଛି। ନଂ. ୧୦/୨୬ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଶବ ସଂରକ୍ଷଣ ଗୃହରେ ଥିବା ଏଏସ୍‌ଆଇ ପୁଷ୍ପା ମଲ୍ଲିକ କହିଛନ୍ତି।

### ସୋରଡ଼ା ଜଳଭଣ୍ଡାରରେ ଭାସୁଛି ମୃତଦେହ

ସୋରଡା,୯।୪(ରଜନି ମହାପାତ୍ର)– ସୋରଡା ଥାନା ସୋରଡା ଜଳଭଣ୍ଡାରର ମଧ୍ୟ ଭାଗରେ ଜଣେ ଯୁବକଙ୍କ ମୃତଦେହ ଭାସୁଛି। ତାଙ୍କ ପରିଚୟ ଜଣାପଡିନି। କେତେ ଜଣ ମତ୍ସ୍ୟଜୀବୀ ଡଙ୍ଗା ଧରି ଡ୍ୟାମକୁ ଦୁଇଦିନ ତଳେ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ଭୟଭୀତ ହୋଇପଡିଥିଲେ। ଯୁବକଟି ଏକ ହାଫପ୍ୟାଣ୍ଟ ପିନ୍ଧିଛନ୍ତି ଏବଂ ପାଣି ଭିତରେ ମୁହଁମାଡି ଭାସମାନ ଅବସ୍ଥାରେ ରହିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ଯୁବକ ଜଣକ ସେଠାକୁ ଆସିଲେ ଏବଂ ଡ୍ୟାମ ମଧ୍ୟ ଭାଗରେ କିପରି ମୃତ୍ୟୁବରଣ କଲେ ତାହା ସନ୍ଦେହ ଘେରରେ ରହିଛି।

### ମଝିଆ ଭାଇ ଆକ୍ରମଣରେ ବଡ଼ ଓ ସାନ ଗୁରୁତର

ବୁଗୁଡା, ୯।୪ (କାଳିଚରଣଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡି ବିବାଦକୁ ନେଇ ମଝିଆ ଭାଇଙ୍କ ଆକ୍ରମଣରେ ବଡ ଓ ସାନ ଭାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ନିଆଯାଇଛି। ଗୁରୁତର ଦୁଇ ଭାଇ ହେଲେ ବଡଭାଇ ଧୋବା ଗୌଡ (୫୭) ଓ ସାନଭାଇ ଦୁର୍ଯ୍ୟ ଗୌଡ (୫୦)। ଆକ୍ରମଣକାରୀ ମଝିଆ ଭାଇ ହେଲେ ପଞ୍ଚୁ ଗୌଡ (୫୪)। ଘଟଣାରୁ ପ୍ରକାଶ, ପୂର୍ବରୁ ଜମିବାଡିକୁ ନେଇ ଏହି ତିନି ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା। ଗୁରୁବାର ସନ୍ଧ୍ୟାରେ ଧୋବା ଓ ଦୁର୍ଯ୍ୟ ଘର ଆଗରେ ଛିଡା ହୋଇ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଏକ ଠିଆ କୋଡିରେ ଉଭୟଙ୍କ ମୁଣ୍ଡକୁ ପିଟି ମରଣାନ୍ତକ ଆକ୍ରମଣ କରିଥିଲେ। ଦୁଇଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ସେ ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଦୁଇ ଭାଇଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ମଝିଆଭାଇ ପଞ୍ଚୁଙ୍କୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

### ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ବ୍ରହ୍ମପୁରରେ ୮୨୩ ତମ ଶାଖା ଉଦ୍‌ଘାଟିତ



ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ବ୍ରହ୍ମପୁରରେ ୮୨୩ତମ ଶାଖା ଉଦଘାଟନ କରାଯାଇଛି ଏହା ଦ୍ୱାରା ବ୍ୟାଙ୍କର ଶାଖା ସଂଖ୍ୟା ୮୯ରେ ପହଂଚିଛି। ସେଥିରୁ ୬୩ ଟି ହେଉଛି ଅଣ ବ୍ୟାଙ୍କ ଗ୍ରାମୀଣ ବ୍ୟାଙ୍କ। ବ୍ରହ୍ମପୁର ଶାଖା ଖଲ୍ଲିକୋଟ କଲେଜ ପଡିଆ ନିକଟରେ ଖୋଲାଯାଇଛି। କୁଳପତି ଗୀତାଞ୍ଜଳି ଦାଶ ଏହାକୁ ଉଦଘାଟନ କରି ବ୍ରହ୍ମପୁରରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ଏହି ସମ୍ପ୍ରସାରଣ, ଅଞ୍ଚଳରେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ସେବାର ସୁଯୋଗକୁ ସୁଦୃ କରିବ କହିଥିଲେ। ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀ ଓ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ ଏବଂ ମାର୍କେଟିଂ ମୁଖ୍ୟ ତଥା ସଭାପତି ଶ୍ରୀନିବାସ ମୂର୍ତ୍ତି କହିଛନ୍ତି ବ୍ରହ୍ମପୁର ଶାଖାର ଶୁଭାରମ୍ଭ ଏହି ରାଜ୍ୟରେ ଆମର ଉପସ୍ଥିତିକୁ ଆହୁରି ଗଭୀର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ପଲାସା-ଇଚ୍ଛାପୁର ସେକ୍ସନକୁ ପୂର୍ବତଟ ରେଳଜୋନ୍‌ରୁ ସ୍ଥାନାନ୍ତର ବନ୍ଦ ଦାବି କଲା ସିପିଏମ୍


ଷ୍ଟେଶନ ସମ୍ମୁଖରେ ସିପିଏମର ବିକ୍ଷୋଭ।

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଖୋର୍ଦ୍ଧା ରୋଡ଼ ଡିଭିଜନରୁ ଇଚ୍ଛାପୁର ଓ ପଲାସା ସେକ୍ସନକୁ ବିଶାଖାପାଟଣା ଡିଭିଜନକୁ ହସ୍ତାନ୍ତର କରିବା ନିଷ୍ପତ୍ତି ଓଡ଼ିଶାର ସମ୍ମାନ ପ୍ରତି କୁଠାର ଘାତ ବୋଲି ସିପିଏମ କହିଛି। କେନ୍ଦ୍ର ସରକାରଙ୍କ ସ୍ଥାୟୀତ୍ୱ ପାଇଁ ଚନ୍ଦ୍ରାବାବୁ ନାଇଡୁଙ୍କ ପାଖରେ ଭାଜପା ଆତ୍ମସମର୍ପଣ କରୁଛି। ନାଇଡୁଙ୍କ ପୋଲାଭରମ ଡ୍ୟାମ ,ଅଧିକ ଅନୁଦାନ ,ନୂଆ ଯୋଜନା, ଓଡିଶାରୁ ବିଭିନ୍ନ ରେଳ ଷ୍ଟେସନ ନେବାଭଳି ସର୍ତ୍ତ ଭାଜପା ପୂରଣ କରିଚାଲିଛି। ଏଥିରେ ଓଡ଼ିଶାର କ୍ଷତି ଘଟିଲେ ମଧ ରାଜ୍ୟ ଭାଜପା ସରକାର ପ୍ରତିବାଦ କରୁନାହାନ୍ତି। ପଲାସା ଓ ଇଚ୍ଛାପୁର ଖୋର୍ଦ୍ଧା ଡିଭିଜନରୁ ହସ୍ତାନ୍ତର ହେବାପରେ ଆମର ପ୍ରାୟ ୫୦ କିମି ରେଳ ଲାଇନ, ୮ ଷ୍ଟେସନ,ଏଥିରୁ ଆଦାୟ ରାଜିସ୍ୱ ଓ କର୍ମଚାରୀ ଉପରୁ ନିୟନ୍ତ୍ରଣ ଚାଲିଯିବ। ପଲାସାରୁ ବାହାରୁ ଥିବା ଟ୍ରେନ ଗୁଡିକ ବିଭିନ୍ନ ଅମାଲାତାନ୍ତ୍ରିକ ନିଷ୍ପତ୍ତିର ଶିକାର ହେବ। ରେଳ ଜୋନ ରାଜ୍ୟ ଭିତ୍ତିକ ନୁହେଁ। ଯଦି ଆନ୍ଧ୍ରପ୍ରଦେଶ ପାଇଁ ରାଜ୍ୟଭିତ୍ତିକ କରାଯିବ ତେବେ ଓଡ଼ିଶାର ବାହାରେ ଥିବା ଷ୍ଟେସନ ଗୁଡିକୁ ଓଡିଶାକୁ ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏହି ନିଷ୍ପତ୍ତି ଯଦି ପ୍ରତ୍ୟାହାର ନହୁଏ ତେବେ ଆଗାମୀ ଦିନରେ ସିପିଏମ ଆନ୍ଦୋଳନ କରିବ। ଏହି ଦାବିରେ ରେଳଷ୍ଟେଶନ ନିକଟରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବାବୁଲି ନାୟକ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ,ରାଜରାଓ, ଚିଟିବାବୁ, ହରି ନାହାକ, କେଶବ ଗୌଡ଼,ମୋହନ ରାଓ,ନୀଳ ମାଧବ ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ। ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଛି।

## କାଳବୈଶାଖୀ ବର୍ଷାରେ କେଶପୁର ବଜାରରେ କୃତ୍ରିମ ବନ୍ୟାର ଭ୍ରମ

ଖଲ୍ଲିକୋଟ,୯।୪(ପ୍ରଶାନ୍ତ କୁମାର ମିଶ୍ର)


ଜମି ରହିଥିବା ବର୍ଷା ପାଣି ।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କେଶପୁର ବଜାରରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ବର୍ଷା ହୋଇଛି। ଏଥିଯୋଗୁ ନାହିଁ ନଥିବା ସମସ୍ୟା ସୃଷ୍ଟି ହୋଇଥିଲା। ପବନ ସହ ଘଣ୍ଟାଏ ଧରି ବର୍ଷା ହୋଇଥିଲା। ବଜାର ମଧ୍ୟରେ ପାଣି ଜମି ରହି ବହୁ ଦୋକାନ ଘରେ ପାଣି ପଶିଥିଲା। ଯାତାୟତରେ ଲୋକେ ଅସୁବିଧାରେ ପଡିଥିଲେ। ରାସ୍ତାରେ ପାଣି ଜମିରହିବା ସମୟରେ ଏକ ଟ୍ରକ ଇଲେକ୍ଟ୍ରିପୋଲକୁ ଧକ୍କା ଦେବା ଫଳରେ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସେହିପରି ଏକ ବିସ୍କେଟ୍ ବୋଝେଇ ଟ୍ରକରେ ପାଣି ପଶିଯିବାରୁ ଲାକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଜଣାପଡିଛି। ବଜାରର ଉଭୟ ପାର୍ଶ୍ୱରେ ଡ୍ରେନେଜ ଅଛି ମାତ୍ର ଅଳିଆ ଆବର୍ଜନାରେ ପୋତି ହୋଇ ରହିଛି। ଫଳରେ ଅଦିନିଆ ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ପ୍ରଶାସନ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଏବଂ ଡ୍ରେନେଜ୍‌ଗୁଡ଼ିକ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ୮୦ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର, ୯।୪ (ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ଓଡିଆ ପକ୍ଷ ପାଳନ ଅବସରରେ ଗୁରୁବାର ଏକ ରକ୍ତଦାନ ଶିବିର ହୋଇଥିଲା। ଏହି ଶିବିରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଜାତୀୟ ସେବା ଯୋଜନାର ସଂଯୋଜକ ଡ଼. ଜୟନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ । ଜାତୀୟ ସେବା ଯୋଜନା ପିଜିର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶଙ୍କର୍ଷଣ ମଲିକ, ଡ଼. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଡ. କବିତା ବରାଳ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ମାନେ ୭ ଦିନ ଧରି ହଷ୍ଟେଲ ଓ ବିଭାଗ ବୁଲି ରକ୍ତଦାନ ପାଇଁ ପଞ୍ଜୀକୃତ କରିଥିଲେ। ବ୍ରହ୍ମପୁର ମେଡିକାଲ ପକ୍ଷରୁ ସୁଶାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦଶ ଜଣିଆ ଟିମ ଉପସ୍ଥିତ ରହି ମୋଟ ୮୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା।

## ମହାମାୟୀ ମହିଳା କଲେଜରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ କଲେଜର କର୍ମଚାରୀ ଓ ଅତିଥି।

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟ, ଗାନ୍ଧୀନଗର ଠାରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ, ଡ଼ ନାରାୟଣ ବେହେରା ଯୋଗଦେଇ ଖୁସି ବ୍ୟକ୍ତ କରିଥିଲେ । ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗଦେଇ ଓଡ଼ିଆ ପୁସ୍ତକ କିଣିଥିଲେ। ଶିବାନୀ ପୁସ୍ତକାଳୟ, ବିବେକ ପୁସ୍ତକାଳୟ, ତାରାତାରିଣୀ ପୁସ୍ତକାଳୟ, ବିବେକାନନ୍ଦ କେନ୍ଦ୍ର, ଚିନ୍ମୟ ମିଶନ ପ୍ରଭୃତି ମହାବିଦ୍ୟାଳୟ କୁ ଆସି ୧୨୦୦୦ରୁ ଅଧିକ ଟଙ୍କାର ପୁସ୍ତକ ବିକ୍ରି କରିଥିଲେ । କଲେଜ ପରିସରରେ ରୁଚି ଅନୁସାରେ ପୁସ୍ତକ କିଣିବାକୁ ପାଇ ଛାତ୍ରୀମାନେ ବହୁତ ଖୁସି ଅନୁଭବ କରିବା ସହ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ ।

## ସିଜିମାଳି ଆଦିବାସୀ ଓ ଦଳିତଙ୍କ ଉପରେ ପୋଲିସ ଓ ପ୍ରଶାସନର ଦମନଲୀଳାକୁ ନିନ୍ଦା

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ) ଓଡ଼ିଶାର ରାୟଗଡା ଓ କଳାହାଣ୍ଡି ଜିଲା ସୀମାନ୍ତରେ ଥିବା ସିଜିମାଳି ପର୍ବତର ଆଖପାଖ ଗ୍ରାମବାସୀଙ୍କ ଉପରେ ଓଡିଶା ସରକାରଙ୍କ ପୋଲିସ ଓ ପ୍ରଶାସନର ପକ୍ଷରୁ ଚାଲିଥିବା ଦମନଲୀଳାକୁ ଅଖିଳ ଭାରତ କିଶାନ ମଜଦୁର୍ ସଭାର ରାଜ୍ୟ କମିଟି ଦୃଢ ନିନ୍ଦା କରୁଛି । ଗତ ୭ ତାରିଖରେ ରାତି ଅଧରେ ଶହ ଶହ ସଶସ୍ତ୍ର ପୋଲିସ ପ୍ରଥମେ ଗାଁର ବିଦ୍ୟୁତ ସଂଯୋଗ କାଟି ଦେଇ କଣ୍ଟାମାଳରେ ପଶିଥିଲେ । ଘର ପଶି ଜିନିଷପତ୍ର ଭଙ୍ଗାରୁଜା କରିବା ସହ ଲୋକଙ୍କୁ ଶୋଇଥିବା ଅବସ୍ଥାରେ ଉଠାଇ ଯେଉଁଭଳି ଭାବେ ଆକ୍ରମଣ କରି ସେମାନଙ୍କୁ କ୍ଷତ ବିକ୍ଷତ କଲେ ଏବଂ ଆତଙ୍କିତ କରିବାକୁ ଲୁହବୁହା ଗ୍ୟାସର ପ୍ରୟୋଗ ଓ ଫାଙ୍କା ଗୁଳିଚାଳନା କଲେ, ତାହା ବର୍ବରତାର ସମସ୍ତ ସୀମାକୁ ଟପି ଯାଇଛି । ବେଦାନ୍ତ କମ୍ପାନୀର ପ୍ରସ୍ତାବିତ ଖଣି ଖନନକୁ ଗତ ୩ ବର୍ଷ ଧରି ବିରୋଧ କରୁଥିବା ବେଳେ ରାୟଗଡା ପ୍ରଶାସନ ଓ ପୋଲିସ କମ୍ପାନୀର କର୍ମଚାରୀ ଭଳି କାମ କରୁଛନ୍ତି । କମ୍ପାନୀ ସାର୍ଥରେ ଜାଲିଆତି କରି ପଲ୍ଲୀସଭା କରିବା ଠାରୁ ଆରମ୍ଭ କରି ଜନଶୁଣାଣୀର ମତାମତକୁ ଅଣଦେଖା ପର୍ଯ୍ୟନ୍ତ ସମସ୍ତ ପ୍ରକାର ବେଆଇନ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଖଣି ପାଇଁ ରାସ୍ତା ନିର୍ମାଣର ଷଡଯନ୍ତ୍ରକୁ ଲୋକେ ବୁଝିପାରି ତାକୁ ବିରୋଧ କରୁଛନ୍ତି । କାଶୀପୁର ପରି ଏକ ଅନୁସୂଚିତ ଅଞ୍ଚଳରେ ସମସ୍ତ ପ୍ରକାରର ଆଇନ କାନୁନକୁ ଉଲଂଘନ କରି ସାଧାରଣ ଜନତା ବିଶେଷ କରି ଆଦିବାସୀଙ୍କ ଉପରେ ଓଡିଶା ସରକାରଙ୍କ କମ୍ପାନୀ ପ୍ରାୟୋଜିତ ଏହି ଆତଙ୍କରାଜକୁ ଆମେ ଦୃଢ ବିରୋଧ କରୁଛୁ । ତେଣୁ ଏହାକୁ ବନ୍ଦ କରାଯାଉ ବୋଲି ଅଖିଳ ଭାରତ କିଶାନ ମଜଦୁର ସଭା ଦାବି କରୁଛି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମକୁ କୁଳପତି ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଆ ପକ୍ଷର ନବମ ଦିବସରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏହାକୁ ଉଦଘାଟନ କରିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ସମୀର ଭୋଇଙ୍କ ଆବାହନରେ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ୩ ପୁସ୍ତକ ବିକ୍ରୟ ସ୍ଥଳ ଖୋଲାଯାଇଥିଲା । ବ୍ରହ୍ମପୁର ସ୍ଥିତ ତାରାତାରିଣୀ ପୁସ୍ତକାଳୟ, ସର୍ଜନା ଓ ଅନ୍ନପୂର୍ଣ୍ଣ ପ୍ରକାଶନ ସଂସ୍ଥା ଅଂଶଗ୍ରହଣ କରିଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର, ପୁସ୍ତକ ପ୍ରଦର୍ଶନୀ

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷର ନବମ ଦିବସରେ ରକ୍ତଦାନ ଶିବିର ଓ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗଣେଶ ହଲ ଠାରେ ଆୟୋଜିତ ରକ୍ତଦାନ ଶିବିର ଏବଂ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପୁସ୍ତକ ପ୍ରଦର୍ଶନୀକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉଦଘାଟନ କରିଥିଲେ। ରକ୍ତଦାନ ଶିବିରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଯୋଗଦାନ ଫଳରେ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରର ଏମ.କେ.ସି.ଜି. ମେଡିକାଲ କଲେଜ ଓ ହସ୍ପିଟାଲର ମେଡିକାଲ ଅଫିସର ଡାକ୍ତର ଶ୍ରୀନିଧି, ନୋଡାଲ ଅଫିସର ଆଲୋକ ମହାନ୍ତି, କାଉସିଲର ଏଲ. କେ. ବେହେରା ପ୍ରମୁଖ ସହାୟତା କରିଥିଲେ। ସେହିପରି ପୁସ୍ତକ ପ୍ରଦର୍ଶନୀରେ ଗଞ୍ଜାମର ସୱନାମଧନ୍ୟ ପୁସ୍ତକ ପ୍ରକାଶକ ଓ ବିକ୍ରେତା ତାରାତାରିଣୀ ପୁସ୍ତକାଳୟ ସୌଜନ୍ୟରେ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଓଡ଼ିଆ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ନିଜ ପସନ୍ଦର ଓଡ଼ିଆ ପୁସ୍ତକ କିଣିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହିଥିଲେ।



ରକ୍ତଦାନ ଶିବିରରେ ଉପସ୍ଥିତ ଅଧିକାରୀ ବୃନ୍ଦ।

## ୫୦କୋଟି ବିନିମୟରେ ବ୍ରହ୍ମପୁରରେ ଫୁଡ୍ ପ୍ରୋସେସିଂ ୟୁନିଟ୍ ହେବ: ମନ୍ତ୍ରୀ

### ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୯।୪(ଅଶୋକ କୁମାର ସାହୁ)

ରେଶମ ସହର ମହୋତ୍ସବ ତାସହିତ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ , ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରଥିଲେ । ପରମ୍ପରା ଓ ପ୍ରଗତିର ପ୍ରାଣବନ୍ତ ପ୍ରତିଛବି ହେଉଛି ରେଶମ ମହୋତ୍ସବ। ଏଠି କଳା, ସାହିତ୍ୟ , ସଂସ୍କୃତି , ଜୀବନ ଓ ଜୀବିକା ଏକାକାର ହୋଇଛି ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ । ଯୁବକ ଯୁବତୀ ଓ ମାତୃଶକ୍ତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ସୁଭଦ୍ରା ଯୋଜନା ଆଜି ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିପାରିଛି । ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ହେଉଛି ରାଜ୍ୟ ତଥା ଦେଶର ମେରୁଦଣ୍ଡ । ଏଗୁଡିକ ସଶକ୍ତ ହେଲେ ରାଜ୍ୟ ତଥା ଦେଶ ସଶକ୍ତ ହେବ । ଏହାକୁ ହୃଦୟଙ୍ଗମ କରି କେନ୍ଦ୍ର ତଥା ରାଜ୍ୟ ସରକାର ଅନେକ ଅଭିନବ ଯୋଜନା ନେଇଆସିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଗଞ୍ଜାମ ଜିଲ୍ଲା ଅଣ୍ଡା ଓ ଦୁଧ ଉତ୍ପାଦନରେ ଆତ୍ମ ନିର୍ଭର ହୋଇପାରିଛି । ବ୍ରହ୍ମପୁର ସହର ପାଖରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ଫୁଡ ପ୍ରୋସେସିଂ ପାର୍କ ଓ ପାଖାପାଖି ୫୦୦କୋଟି ଟଙ୍କା ବ୍ୟୟରେ ଗୋପାଳପୁର ଠାରେ ସ୍ମାର୍ଟ ହାର୍ବର ନିର୍ମାଣ କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଯାହାଦ୍ୱାରା ହଜାର ହଜାର ସ୍ଥାନୀୟ ଯୁବତୀରଯୁବକ ନିଯୁକ୍ତି ପାଇପାରିବେ ବୋଲି ସେ ସୂଚନା ଦେଇଥିଲେ । ଏମ କେ ସି ଜି ମେଡ଼ିକାଲର ଉନ୍ନତି ପାଇଁ ୧୯୮୦ କୋଟି ସରକାର ପ୍ରାବଧାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ରେଶମ ଯୋଜନା , ପିଏମ ବିଶ୍ୱକର୍ମା ଯୋଜନା ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲାପାଳ ଭି.କୀର୍ତ୍ତି ଭାସନ,ବିଇଏମସି ମେୟର ଏ.ଶସ୍ୟା ରେଡ୍ଡୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜଲାପାଳ ଅବିନାଶ କୁମାର, ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ଯୁଗ୍ମ ସମନ୍ୱୟକ ବିଜୟ କୁମାର ପ୍ରଧାନ ଯୋଗ ଦେଇ ଥିଲେ । ୧୦ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତ । ଏହା ସହିତ ସ୍ଥାନୀୟ ସରକାରୀ ଯୁଜି ହାଇସ୍କୁଲ, ବିରିବାଟିଆର ଲାଇଭ ଭୋକାଲ,ରୀୟଲ ଡାନ୍ସ ଷ୍ଟୁଡିଓର ବଲିଉଡ ଷ୍ଟାଇଲ,ସାଇ ନୃତ୍ୟାୟନ ଛତ୍ରପୁର ରାଜସ୍ଥାନୀ, ଗଞ୍ଜାମ ଫକ ଡାନ୍ସ ସେଣ୍ଟର୍ ନରେନ୍ଦ୍ରପୁରର ରଣପା ନୃତ୍ୟ,ବ୍ରହ୍ମପୁର କଳାଞ୍ଜଳି କଳାକାରଙ୍କ ଦ୍ୱାରା ଆଧୁନିକ ଡ୍ୟାନ୍ସ , ଛତ୍ରପୁର ପ୍ରତିକଳା କେନ୍ଦ୍ରର ନବଦୁର୍ଗା ଏବଂ ଭବାନିପାଟଣାରୁ ଆସିଥିବା ଶୁଭମ ଗ୍ରୁପର ବଜାସାଲ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

